## ଗଣ୍ଡୱାନା ଛାତ୍ର ଆୟୋଜନ ସମିତି ଗଠିତ

ଲୋଇସିଂହା,(ଡି.ଏନ.ଏ)-ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ଆଦିବାସୀ ସଂଘ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ଭୋଇଙ୍କ ତତ୍ତ୍ୱାବଧାନରେ ପ୍ରଥମେ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ଦଶରଥ ଛତ୍ରିଆ, ରାମଚନ୍ଦ୍ର ଧରୁଆ, ପ୍ରତିଚନ୍ଦ୍ର ରାଏ ପ୍ରମୁଖ ସାବିତ୍ରୀ ବାଇଙ୍କ ସ୍ମୃତିଚାରଣ କରିଥିଲେ। ନାରୀନେତ୍ରୀ ପ୍ରତିଭା ଭୋଇ, ବ୍ରଜମୋହନ ବିଶୋଇ ଓ ଚନ୍ଦ୍ରଶେଖର କୁଅଁରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଗଣ୍ଡୱାନା ଛାତ୍ର ଆୟୋଜନ ସମିତି ଗଠନ କରାଯାଇଥିଲା। ସଭାପତି ସଞ୍ଜୟ କଣ୍ଡା, ସମ୍ପାଦକ ଭାବେ ନିତ୍ୟା ସଲତର ମନୋନୀତ ହୋଇଥିଲେ।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗ ଆଣିଲେ ମହିଳା, ଅଭିଯୁକ୍ତ ଗିରଫ



**ବଲାଙ୍ଗୀର ଅଫିସ, ୪।୧:** ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବଲାଙ୍ଗୀର ଟାଉନ ଥାନା ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଆଠଗାଁର ସୀତେନ୍ଦ୍ର ଭେସ୍ରା(୨୧)। ଗତ ୨ତାରିଖ ବଲାଙ୍ଗୀର ଟାଉନ ଥାନା ଅଞ୍ଚଳରେ ଜଣେ ମହିଳା ଘରେ ଥିବାବେଳେ ସୀତେନ୍ଦ୍ର ସେଠାକୁ ଆସି ବଳାତ୍କାର କରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ୍ ଥାନାରେ ଏକ ମାମଲା(ନଂ.୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ମହାନଦୀରେ ବ୍ଲାଷ୍ଟିଂ କରି ଚାଲିଛି ମାଛଧରା

**ଅତାବିରା, ୪।୧ (ଡି.ଏନ.ଏ):** ବରଗଡ ଜିଲା ବରଗଡ ଓ ସମ୍ବଲପୁର ଜିଲା ମଧ ଭାଗରେ ପ୍ରବାହିତ ମହାନଦୀରେ ବେଆଇନ ଭାବେ କୀଟନାଶକ ଔଷଧ ଓ ବ୍ଲାଷ୍ଟିଂ କରି ଅବାଧରେ ମାଛମରା ଚାଲିଛି। ଏ ଦିଗରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲାଷ୍ଟିଂ ଯୋଗୁ ନଦୀରେ ଗାଧୋଉଥିବା ଲୋକେ ଆତଙ୍କିତ ହୋଇ ପଡୁଛନ୍ତି । ସେହିପରି ନଦୀରେ ମାଛ ସଂଖ୍ୟା ଦିନକୁ ଦିନ ଲୋପ ପାଇବାକୁ ବସିଲାଣି । ଏଥିଯୋଗୁ ମତ୍ସ୍ୟଜୀବୀମାନେ ଜୀବିକା ହରାଉଛନ୍ତି । ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି ।

### ଗଦାଧରଙ୍କୁ ଅପହଞ୍ଚ ସରକାରୀ ଯୋଜନା



**ଅତାବିରା, ୪।୧ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତ ପୋଡବାଡି-ବରାହମୁଣ୍ଡା ଛକ କେନାଲ ହିଡରେ ରହୁଛନ୍ତି ଗଦାଧର ଡୋରା। ପରିବାର କହିଲେ ତାଙ୍କ ସ୍ତ୍ରୀ, ପୁଅଝିଅ। ସନ୍ତାନ ସନ୍ତତି ବିବାହ କରି ସାରିଲେଣି । ତେବେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ପରିବାରକୁ ଏପର୍ଯ୍ୟନ୍ତ ଆବାସ ଗୃହ ଯୋଜନାରେ ସାମିଲ କରାଯାଇନାହିଁ। ସେହିପରି ଗଦାଧରଙ୍କୁ ଭତ୍ତା ମଧ ମିଳିନି । ସରକାରୀ ସହାୟତା କହିଲେ ୧ ଟଙ୍କିଆ ଚାଉଳ, ୫ ଲିଟର କିରୋସିନ ବ୍ୟତୀତ ଆଉ କିଛି ନାହିଁ। ଆବାସ ଗୃହ ପାଇଁ ପଞ୍ଚାୟତକୁ ବାରମ୍ବାର ଧାଁଧପଡ କଲେ ମଧ କୌଣସି ସୁଫଳ ମିଳି ନ ଥିବା ସେ କହିଛନ୍ତି। ରାତି ପାହିଲେ ଏକ ତମ୍ବା ଥାଳିରେ କିଛି ଫୁଲ, ଚନ୍ଦନ, ତମ୍ବା ନିର୍ମିତ ଏକ ନାଗସାପ ଧରି ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରି ଗଦାଧର ପରିବାରକୁ ଦାନା ଯୋଗାଉଛନ୍ତି । ଏ ନେଇ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

### କ୍ରିକେଟ୍: ସାଇମନ ସିକ୍ସର ଚାମ୍ପିୟନ

**ଜାମଟିକ୍ରା,୪।୧(ଡି.ଏନ.ଏ):** ଅତାବିରା ବ୍ଲକ ଲହଣ୍ଡା ଖେଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ଜେସିଆର ଷ୍ଟ୍ରାଇକର୍, ଲହଣ୍ଡା ସୁପରକିଙ୍ଗ, ଲହଣ୍ଡା ବ୍ଲାଷ୍ଟର, ସାଇମନ ସିକ୍ସର ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଲହଣ୍ଡା ବ୍ଲାଷ୍ଟର ଓ ସାଇମନ ସିକ୍ସର ମଧରେ ହୋଇଥିଲା। ସାଇମନ ସିକ୍ସର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୮୦ ରନ କରିଥିଲା। ଜବାବରେ ଲହଣ୍ଡା ବ୍ଲାଷ୍ଟର ୧୪୦ ରନ କରି ପରାଜିତ ହୋଇଥିଲା। ଏଥିରେ କ୍ଷୀରୋଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୁଲଜା ପ୍ରଧାନ, କୁବେର ବାରିକ, କିଶୋର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନକିଣାରେ ଅଚଳାବସ୍ଥା

**ଲୋଇସିଂହା,୪।୧(ଡି.ଏନ.ଏ.)**



ଯୋଗୀସର୍ଡା ପ୍ୟାକ୍ସରେ ଧାନବିକ୍ରିରୁ ବଞ୍ଚିତ ଚାଷୀମାନେ।

**ଯୋଗୀସର୍ଡା ପ୍ୟାକ୍ସ**

- ମିଲର୍ସଙ୍କ ଅସହଯୋଗ, ପଡିରହିଛି ୩୧୪୧ପ୍ୟାକେଟ ଧାନ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ୟାକ୍ସରେ ଧାନକିଣାରେ ଅଚଳାବସ୍ଥା ଦେଖାଦେଇଛି। ମିଲର୍ସଙ୍କ ଅସହଯୋଗ ଯୋଗୁ ଚାଷୀଙ୍କ ଧାନ ଉଠିବାରେ ସମସ୍ୟା ହେଉଛି। ମଣ୍ଡିରେ ୨୦ରୁ ଅଧିକ ଚାଷୀଙ୍କ ୩ ହଜାରରୁ ଅଧିକ ପ୍ୟାକେଟ ଧାନ ଦୀର୍ଘଦିନ ହେଲା ପଡି ରହିଛି । ମଣ୍ଡିରେ ଧାନ ପକାଇ ଏକାଧିକ ରାତି ଶୀତକାକରରେ ଜଗି ରହୁଛନ୍ତି ଚାଷୀ । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି ।

ଲୋଇସିଂହା ବ୍ଲକ ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତକୁ ନେଇ ଯୋଗୀସର୍ଡା ପ୍ୟାକ୍ସ ଗଠିତ। ଚଳିତ ଖରିଫ ଧାନ ବିକ୍ରିପାଇଁ ୭୯୪ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିରୁ ୧୯୫ ନୂତନ ଓ ୫୯୯ ଚାଷୀ କାର୍ଡକୁ ନବୀକରଣ କରି ପଞ୍ଜୀକୃତ ହୋଇଛନ୍ତି। ମଣ୍ଡିରୁ ପ୍ରଥମ ପର୍ଯ୍ୟାୟରେ ୧୯ହଜାର ୪ଶହ କୁଇଣ୍ଟାଲ ଧାନ ଉଠାଣ ଧାର୍ଯ୍ୟ ହୋଇଛି। ସିଦ୍ଧି ବିନାୟକ, ଅର୍ଣ୍ଣପୂର୍ଣ୍ଣା, ସମଲେଶ୍ୱରୀ, ସରସ୍ୱତୀ ଓ ଗଜାନନ ମିଲର୍ସ ଉକ୍ତ ପ୍ୟାକ୍ସରୁ ଚାଷୀଙ୍କ ଧାନ ଉଠାଣ କରୁଛନ୍ତି। ଏଯାଏ ୧୨ ହଜାର ୧୭୩ କୁଇଣ୍ଟାଲ ଧାନକିଣା ସରିଛି। ପ୍ୟାକ୍ସରେ ଡିସେମ୍ବର ୧ତାରିଖରେ ଧାନକିଣା ଶୁଭାରମ୍ଭ ହୋଇଥିଲା। ଡିସେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଠିକ୍ ଭାବରେ ମିଲର୍ସ ଆସି ଚାଷୀଙ୍କ ଧାନ କିଣିଥିଲେ । ହେଲେ ୧୬ତାରିଖ ପରଠାରୁ ମିଲର୍ସ ଧାନ ଉଠାଣରେ ଅସହଯୋଗ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀ କୁନ୍ତି ବାବୁଙ୍କ ଟୋକନ ତାରିଖ ଡିସେମ୍ବର ୧୬ ଥିଲା । ସେହିଦିନ ସେ ୩ଶହ ପ୍ୟାକେଟ ଧାନ ବିକ୍ରି ପାଇଁ ପ୍ୟାକ୍ସକୁ ଆଣିଥିଲେ। ଅଦ୍ୟାବଧି ତାଙ୍କ ଧାନ କିଣା ଯାଇ ନ ଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଅରୁଣ ସାହୁ, ମୋହନ ସାହୁ, ଶୁକୁଦେବ ପାଣିଗ୍ରାହୀ, କବିତା ପାଣିଗ୍ରାହୀ, ସେବକ ମିଶ୍ର, ଗଣେଶ୍ୱର ସାହୁଙ୍କ ପରି ୨୦ରୁ ଅଧିକ ଚାଷୀଙ୍କ ୩୧୪୧ପ୍ୟାକେଟ ଧାନ ମଣ୍ଡିରେ ପଡିରହିଛି । ଗଜାନନ ମିଲର୍ସ ପକ୍ଷରୁ ୧୫ଶହ କୁଇଣ୍ଟାଲ କିଣିବାକୁ ବାକି ଥିବାବେଳେ ସିଦ୍ଧି ବିନାୟକ ୪ ହଜାର କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ କିଛି ବି କିଣି ନ ଥିବା ପ୍ୟାକ୍ସ ସୂତ୍ରରୁ ଜଣାଯାଇଛି। ଟୋକନ ଆସିଲା ମାତ୍ରେ ସେହିଦିନ ଚାଷୀଙ୍କ ଧାନ ଉଠିବ ବୋଲି ସରକାର କହୁଥିବା ବେଳେ ଏଠାରେ ବ୍ୟତିକ୍ରମ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ଉଠାଇବାରେ ଅବହେଳା କରୁଥିବା ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ସେହିପରି ବୁର୍ଡା ପ୍ୟାକ୍ସରେ ବହୁ ଚାଷୀଙ୍କ ଧାନ ପଡି ରହିଛି। ୩ ଦିନ ପରେ ସୋମବାର ସନ୍ଧ୍ୟାରେ ଗୋଟିଏ ଗାଡି ଆସି ଧାନ ଉଠାଇଥିବା ପ୍ୟାକ୍ସ ସୂତ୍ରରୁ ପ୍ରକାଶ ।

# ଆସୁନାହାନ୍ତି ମିଲର୍ସ: ପ୍ୟାକ୍ସରୁ ଉଠୁନି ଧାନ

**ଦେଓଗାଁ, ୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଓ କୁତୁର୍ଲା ପ୍ୟାକ୍ସରେ ହଜାରହଜାର ବସ୍ତା ଧାନ ପଡିରହିଛି। ମିଲର୍ସ ଧାନ ଉଠାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜରାସିଂହା ପ୍ୟାକ୍ସରେ ଗତ ଶୁକ୍ରବାରରୁ ବରକାନୀର ଚାଷୀ ବାସୁଦେବ ମେହେରଙ୍କ ୧୧୦ ପ୍ୟାକେଟ ଧାନ, ସୁରେଶ୍ୱର ମେହେରଙ୍କ ୧୩୫ପ୍ୟାକେଟ, ଶଶୀଭୂଷଣ ମେହେରଙ୍କ ୧୦୦ପ୍ୟାକେଟ, ଶଙ୍କର ଘିଭେଲାଙ୍କ ୨୦୦ ପ୍ୟାକେଟ, ହର ପଧାନଙ୍କ ୧୩୫ ପ୍ୟାକେଟ, ଚିତ୍ରସେନ ଭୋଇଙ୍କ ୧୧୮ ପ୍ୟାକେଟ ଧାନ ପଡିରହିଛି । ହେଲେ ଏପର୍ଯ୍ୟନ୍ତ ଅନୁବନ୍ଧିତ କୌଣସି ମିଲର୍ସ ଆସି ନ ଥିବାରୁ ଧାନ ଉଠିପାରୁନାହିଁ। ସରକାରୀ ନିୟମାନୁସାରେ ଚାଷୀ ପ୍ୟାକ୍ସ ପଏଣ୍ଟକୁ ଧାନ ଆଣିବା ପରେ ତୁରନ୍ତ ମାନ ନିର୍ଦ୍ଧାରଣ ସହ ଓଜନ କରି କର୍ତ୍ତୃପକ୍ଷ କ୍ରୟ କରିବାକଥା। ହେଲେ ଏଠାରେ ତାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। କୁତୁର୍ଲା ପ୍ୟାକ୍ସରେ ମଧ ଗତ ୨୨ତାରିଖରୁ ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ୪ହଜାର ପ୍ୟାକେଟରୁ ଉର୍ଦ୍ଧ୍ୱ ଧାନବସ୍ତା ଗଚ୍ଛିତ ହୋଇରହିଛି। ପ୍ୟାକ୍ସରେ ୭ ହଜାର କୁଇଣ୍ଟାଲ ଟାର୍ଗେଟ ଥାଇ ସୁଦ୍ଧା ଧାନକ୍ରୟ ହୋଇପାରୁ ନ ଥିବାରୁ ଚାଷୀମାନେ ପ୍ରକୃତ ଲାଭରୁ ବଞ୍ଚିତ ରହିଥିବା ଛବି ପଧାନ, ସନ୍ତୋଷ ସାମଲ, ରଶ୍ମିରଞ୍ଜନ ପଧାନ, କାମରାଜ ପଧାନ, ସୁଶାନ୍ତ ପଧାନ, ବୁଲୁ ଭୋଇ, ଲୋକନାଥ ପଧାନ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି । ଏଥିସହ ଏହି ପ୍ୟାକ୍ସରେ ବାହାର ଅଞ୍ଚଳର ଧାନଟ୍ରକ ଆସି ଫଲ୍ସ ଏଣ୍ଟ୍ରି କରାଯାଉଥିବାରୁ ପ୍ରକୃତ ଚାଷୀ ଧାନବିକ୍ରୀ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦାୟିତ୍ୱରେ ଥିବା ବିକ୍ରମ ମାଝୀଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପାଇଛି। ମଙ୍ଗଳବାର ତଦନ୍ତ କରି ପଦକ୍ଷେପ ନେବି ବୋଲି କହିଥିଲେ ।



ଜରାସିଂହା ପ୍ୟାକ୍ସ ପରିସରରେ ଚାଷୀଙ୍କ ଧାନ କ୍ରୟ ହୋଇ ନ ପାରି ପଡିରହିଛି।

# ମଣ୍ଡିରେ ତାଲା ପକାଇଲେ ଚାଷୀ



ଚାଷୀମାନେ ମଣ୍ଡି ଗେଟ୍‌ରେ ତାଲା ପକାଇଛନ୍ତି ।

**ଝାରବନ୍ଧ, ୪।୧ (ଡି.ଏନ.ଏ)**

ବରଗଡ ଜିଲା ଝାରବନ୍ଧ ସୋସାଇଟି ଅଧୀନରେ ଥିବା ଚାଷୀମାନେ ସେମାନଙ୍କ ଧାନକିଣା ଯାଉ ନ ଥିବା ଅଭିଯୋଗ କରି ସୋମବାର ମଣ୍ଡିରେ ତାଲା ପକାଇଛନ୍ତି। ମଣ୍ଡିରୁ ଧାନ ନ ଉଠିବା ଯାଏ ତାଲା ଖୋଲାଯିବ ନାହିଁ ବୋଲି ସେମାନେ ଅଡି ବସିଛନ୍ତି। ସୂଚନା ଅନୁସାରେ, ବର୍ତ୍ତମାନ ଧାନ ରଖିବା ପାଇଁ ମଣ୍ଡିରେ ଜାଗା ନାହିଁ । ଗତ ୪ ଦିନ ହେବ ମଣ୍ଡି ବାହାରେ ୪୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଧାଡି କରି ଛିଡା ହୋଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଏହି ମଣ୍ଡି ଅଧୀନରେ ୧୯୮୮ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୭୬୮ ଜଣଙ୍କ ୩୯, ୨୫୭ କୁଇଣ୍ଟାଲ ଧାନ ଉଠିଛି ଏବଂ ୫୪, ୦୮୯ ପ୍ୟାକେଟ ପଡି ରହିଛି । ଅନ୍ୟପକ୍ଷେ କେବଳ ଗୋଟିଏ ମିଲର୍ସ ଝାରବନ୍ଧ ମଣ୍ଡିରୁ ଧାନ ନେବା ପାଇଁ ଟ୍ୟାଗ୍ ହୋଇଛି । କେବଳ ସେହି ମିଲ୍ ଏକ ହଜାର କୁଇଣ୍ଟାଲ ଉଠାଇବ । ଫଳରେ ସବୁ ଚାଷୀଙ୍କ ଧାନକିଣା ହୋଇପାରୁନାହିଁ । ଚାଷୀମାନେ ଟ୍ରାକ୍ଟର ଭଡା କରି ଧାନ ଆଣିଛନ୍ତି । ୩ରୁ ୪ ଦିନ ଧରି ଧାନ ଉଠୁ ନ ଥିବାରୁ ଟ୍ରାକ୍ଟର ସେମାନଙ୍କୁ ଭଡା ଦେବାକୁ ପଡିବ । ତେଣୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ମଣ୍ଡିରେ ତାଲା ପକାଇଛନ୍ତି । ପର୍ଶୁରାମ ନାଏକ, ଲାଲସାଏ ଠାକୁର, ଦିବାକର ପଟେଲ, କୁସୁମ ପ୍ରଧାନ, ମଣ୍ଟୁ ବେହେରା, ଉମେଶ ବନଛୋର, ଅଖିଳେଶ ଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ।

## ଚାଷୀଙ୍କୁ ମିଳିଲା ବୀମାରାଶି

**ପଦ୍ମପୁର, ୪।୧ (ଡି.ଏନ.ଏ)**

୨୦୧୯ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକର ବାଦିକଟା, ଲଖମରା, ଭେଙ୍ଗରାଜପୁର ଗ୍ରାମପଞ୍ଚାୟତର ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଛି। ଏଥିପାଇଁ ଚାଷୀମାନଙ୍କ ତରଫରୁ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ବିଭିନ୍ନ ଗାଁରେ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ବାଦିକଟା ଗ୍ରାମପଞ୍ଚାୟତର ବାଦିକଟା, ଘେଁସରା ଓ ସାପଲହର ଗ୍ରାମରେ ଚାଷୀମାନଙ୍କ ଦ୍ୱାରା ଶୋଭାଯାତ୍ରା ସହ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଯୁବମୋର୍ଚ୍ଚା ସଭାପତି ପ୍ରୀତେଶ ବହିଦାର, ସମିତିସଭ୍ୟ ବବିତା ପ୍ରଧାନ, ଭୀଷ୍ମଦେବ ସାହୁ, କୈଳାଶ ଦିଶ୍ରୀ, ମୈତ୍ରୀ ପ୍ରଧାନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ୩ଟି ଗ୍ରାମପଞ୍ଚାୟତର ଚାଷୀମାନଙ୍କୁ ୨୦୧୯ର ପ୍ରଧାନମନ୍ତ୍ରୀ ବୀମା ରାଶି ମିଳି ନ ଥିଲା। ଏଥିପାଇଁ ଗତ ନଭେମ୍ବର ୯ ତାରିଖରେ ପୂର୍ବତନ ବିଧାୟକ ପୁରୋହିତଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ଦିଲ୍ଲୀ ଯାଇ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ସାକ୍ଷାତ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହି ଚାଷୀମାନେ ବୀମା ଟଙ୍କା ପାଇଛନ୍ତି ।

## ଡାକ୍ତରଖାନା ଗଲେ ଅସୁସ୍ଥ ହେମକାନ୍ତୀ



ହେମକାନ୍ତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ମେଡିକାଲ ଅଫିସର ଡା ସୁରଜ କୁମାର ଦୀପ।

**ଲାଠୋର, ୪।୧(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଜାମଚୁଆ ଗ୍ରାମର ଲିଙ୍ଗରାଜ ମାଝୀଙ୍କ ଝିଅ ହେମକାନ୍ତୀ ମାଝୀ(୨୭)। ୩ ବର୍ଷ ତଳେ ଅଜଣା ରୋଗରେ ପୀଡିତ ହେଲେ। ଅର୍ଥାଭାବ ଯୋଗୁ ଚିକିତ୍ସା କରାଇ ନ ପାରି ସେହିଦିନୁ ଶଯ୍ୟାଶାୟୀ ହୋଇ ପଡିରହିଛନ୍ତି। ଏ ନେଇ ଗତ ୨ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ବରଗଡ ଜିଲା ପାଇକମାଳ ବ୍ଲକ ଟେମରି ଗ୍ରାମର ସାମାଜିକ କର୍ମୀ ଦୀପା ବାରିକ ଏ ନେଇ ସିଏମଓ ଏବଂ ବଲାଙ୍ଗୀର ଜିଲାପାଳଙ୍କୁ ଟୁଇଟ କରି ଜଣାଇଥିଲେ। ଏହିକ୍ରମରେ ସୋମବାର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା ସୂରଜ କୁମାର ଦୀପଙ୍କ ସହ ଏକ ଡାକ୍ତରୀ ଦଳ ସହ ହେମକାନ୍ତୀଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧାନ କରିବା ସହ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ପଠାଇଛନ୍ତି। ଆବଶ୍ୟକ ହେଲେ ତାଙ୍କର ଉଚ୍ଚତର ଚିକିତ୍ସା ଲାଗି ବୁର୍ଲା ପଠାଯିବ ବୋଲି ଡା ଦୀପ କହିଛନ୍ତି।

ଚାରିବର୍ଷ ତଳେ ହେମକାନ୍ତୀ ତୁରେକେଲା ବ୍ଲକ ଗଭରା ଗାଁର ଯୁବରାଜଙ୍କୁ ବିବାହ କରିଥିଲେ। ଗୋଟିଏ ବର୍ଷ ବେଶ ଭଲରେ କଟିଲା। ଜନ୍ମନେଲା ଏକ ଶିଶୁପୁତ୍ର। ଏହା ପରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବସିଲେ ହେମକାନ୍ତୀ। ୩ବର୍ଷ ତଳେ ହେମକାନ୍ତୀ ଓ ତାଙ୍କର ୩ବର୍ଷର ପୁଅକୁ ଜାମଚୁଆସ୍ଥିତ ଶଶୁର ଘରେ ଛାଡି ଦେଇଗଲେ ଯୁବରାଜ। ଏହାପରେ ସ୍ତ୍ରୀ ଏବଂ ପୁଅର କୌଣସି ଖବର ବୁଝାବୁଝା କଲେନାହିଁ। ଅଳ୍ପ କେଇ ଏକର ଜମି ଚାଷ କରି ପରିବାର ଚଳାଉଥିବା ବାପା ଲିଙ୍ଗରାଜ କୌଣସି ପ୍ରକାରେ ଝିଅର ଚିକିତ୍ସା କରାଇ କରାଇ ପାରୁ ନ ଥିଲେ।

## ସୋମବାର, ଛୁଟିଦିନ ବନ୍ଦ ରହିବ ସଂଗ୍ରହାଳୟ

**ବୌଦ୍ଧ,୪।୧(ସ୍ୱପ୍ର)**

ବୌଦ୍ଧ ଜିଲାସ୍ତରୀୟ ସଂଗ୍ରହାଳୟ ପରିଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମୟ ସୀମା ଧାର୍ଯ୍ୟ କରାଯାଇଛି । ସକାଳ ୧୦ଟା ୩୦ରୁ ଅପରାହ୍ଣ ୧ଟା ୩୦ ଓ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି ସଂଗ୍ରହାଳୟ ଖୋଲା ରହିବ। ପ୍ରତ୍ୟେକ ସୋମବାର ଓ ସରକାରୀ ଛୁଟି ଦିନ ଗୁଡିକରେ ସଂଗ୍ରହାଳୟ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ବୌଦ୍ଧ ରାଜାଙ୍କ ଦ୍ୱାରା ନିର୍ମିତ କଚେରୀ କୋଠାକୁ ଶହେ ବର୍ଷ ପୂରିଯାଇଥିବା ବେଳେ ଏହି କୋଠା ବର୍ତ୍ତମାନ ଜିଲାର ସଂଗ୍ରହାଳୟର ମାନ୍ୟତା ପାଇଛି । ଜିଲା ସ୍ୱନକ୍ଷତ୍ର ଦିବସ ଅବସରରେ ଗତ ୨ ତାରିଖରେ ବୌଦ୍ଧ ରାଜତନ୍ତ୍ର ସମୟର ଶହେ ବର୍ଷର କଚେରୀ କୋଠାକୁ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରଥମ ଜିଲାସ୍ତରୀୟ ସଂଗ୍ରହାଳୟ ଭାବେ ଲୋକାର୍ପିତ କରିଛନ୍ତି। ବର୍ତ୍ତମାନ ଏହି ସଂଗ୍ରହାଳୟରେ ଜିଲାର ପୁରୁଣା ଲୋକକଳା, ସଂସ୍କୃତି, ପ୍ରାଚୀନ ପରମ୍ପରା, କାରିଗରୀ, କିର୍ତ୍ତିରାଜି ଦେଖିବାକୁ ମିଳୁଛି। ପୁରାତନ କୀର୍ତ୍ତିରାଜୀ ନୂତନ ପିଢୀ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

# ମୁରିବାହାଲ ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

**ମୁରିବାହାଲ, ୪।୧(ଡି.ଏନ.ଏ)**

**କୋଭିଡ ଖର୍ଚ୍ଚ ପ୍ରଦାନ ଦାବିକଲେ ସରପଞ୍ଚ**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତିର ଦ୍ୱିମାସିକ ବୈଠକ ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନ୍ଦରମତିବାଗ, ବିଡିଓ ପ୍ରିୟରଞ୍ଜନ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହେନ୍ଦ୍ର ପ୍ରଧାନୀ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଜିପିଓ ଏନ.ଜେ. ଥିଓପିନ୍ ବୈଠକର ଆଭିମୁଖ୍ୟ ଓ ମହାମାରୀ କରୋନା ଉପରେ ଅବଗତ କରାଇଥିଲେ। ୧୫ରୁ କମ୍ ଛାତ୍ରୀଛାତ୍ର ଥିବା ୫ଟି ବିଦ୍ୟାଳୟକୁ ସରକାରଙ୍କ ନିୟମ ଅନୁଯାୟୀ ବନ୍ଦ କରାଯାଇଥିବା ନେଇ ବୈଠକରେ ସୂଚନା ଦେଇଥିଲେ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆ। ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଡା. ଭବାନୀଶଙ୍କର ବେହେରା କେନ୍ଦ୍ର ସରକାରଙ୍କ ଏନଇଡିପିସି ଯୋଜନାରେ ଚାଷୀମାନଙ୍କର ଆର୍ଥିକ ବିକାଶ ଓ ମାଗଣାରେ ବିହନ ଯୋଗାଇ ଦିଆଯାଉଥିବା ବିଷୟ ବୈଠକରେ ଅବଗତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ବ୍ଲକରେ ଅବଧି ପର୍ଯ୍ୟନ୍ତ ୧୨ହଜାର ୭୫୦ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିରୁ ୨୫୯ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ଅବଗତ କରାଯାଇଥିଲା। କୋଭିଡ-୧୯ରେ ସରପଞ୍ଚମାନେ କରିଥିବା ଖର୍ଚ୍ଚ ଆଜିଯାଏ ମିଳି ନ ଥିବା ଗୁଡିଘାଟ ସରପଞ୍ଚ ମିଥିଳା ମାଝୀ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ଜିପିଓ ଥିଓଫନ୍ ଜଣାଇଥିଲେ ଯେ, ପୂର୍ବରୁ ପ୍ରଦାନ କରାଯାଇଥିବା ୯୩ଲକ୍ଷ ଟଙ୍କାର ୟୁସି ସମସ୍ତ ପଞ୍ଚାୟତ ପ୍ରଦାନ କରିନାହାନ୍ତି। ଏବେ ୧ କୋଟି ୪୬ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୟୁସି ପ୍ରଦାନ ପରେ ବକେୟା ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ସରପଞ୍ଚ ଗୋପୀନାଥ ପାଣିଗ୍ରାହୀ, ଅଗସ୍ତି ବାଗ, ଡମ୍ବରୁଧର ବେହେରା, ଗୁପ୍ତେଶ୍ୱର ସାହୁ ଧାନର କଟନୀ ଛଟନୀ ଉପରେ କହିଥିଲେ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକ ସାଲୁଜା କହିଥିଲେ। ଅବିଳମ୍ବେ କୋଭିଡ ପାଇଁ ପଞ୍ଚାୟତଗୁଡିକ କରିଥିବା ଖର୍ଚ୍ଚ ପ୍ରଦାନ କରିବା ଉପରେ ପଦକ୍ଷେପ ନେବାକୁ କହିଥିଲେ ଏମ୍‌ପି ପ୍ରତିନିଧି ବେହେରା।

# ୧୫ ବର୍ଷ ପରେ ପିଚୁ ରାସ୍ତା ମରାମତି

**କେସିଙ୍ଗା, ୪।୧ (ଡି.ଏନ.ଏ.)**



ପିଚୁ ରାସ୍ତା କାମ କରାଯାଉଛି।

**ଗ୍ରାମ୍ୟ ଉନ୍ନୟନ ବିଭାଗ**

- ଗମନାଗମନରେ ସୁବିଧା ପାଇଲେ ଅଞ୍ଚଳବାସୀ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମପଞ୍ଚାୟତଠାରୁ କରଲାଖୁଣ୍ଟା ଗ୍ରାମକୁ ଦୀର୍ଘ ୧୫ ବର୍ଷ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିଚୁ ରାସ୍ତା ମରାମତି କରାଯାଇଛି। ଏଥିପାଇଁ ଗତ ମଙ୍ଗଳବାରଠାରୁ କାମ ଆରମ୍ଭ ହୋଇ ଶୁକ୍ରବାର ସମ୍ପୂର୍ଣ୍ଣ ହୋଇଯାଇଛି। ଗମନାଗମନ କ୍ଷେତ୍ରରେ ସୁବିଧା ପାଇଥିବାରୁ ଅଞ୍ଚଳବାସୀ ଖୁସି ହୋଇଛନ୍ତି।

କାଣ୍ଡେଲ ହନୁମାନ ଛକଠାରୁ କରଲାଖୁଣ୍ଟାକୁ ସଂଯୋଗ ୨.୮୦୦ ମିଟର ରାସ୍ତା ଦୀର୍ଘ ୧୫ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଅନେକ ଜାଗାରେ ଖାଲଢ଼ିପ ହୋଇଥିବାରୁ ଛାତ୍ରୀଛାତ୍ରମାନେ କାଣ୍ଡେଲ ହାଇସ୍କୁଲକୁ ଯିବା ବେଳେ ବର୍ଷା ଦିନରେ ପଡିଯାଉଥିଲେ। ବୁଢ଼ୀବୁଢ଼ାମାନେ ଚାଉଳ, ଭତ୍ତା ଟଙ୍କା ନେବା ଆଣିବା ବେଳେ ବହୁତ ହଇରାଣ ହେଉଥିଲେ। ବର୍ଷା ଋତୁରେ ସାଇକେଲ, ମୋଟରସାଇକେଲ, ୪ ଚକିଆ ଯାନବାହନ ଗମନାଗମନ ବେଳେ ଖାଲଢ଼ିପ ଓ କାଦୁଅରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିଲେ। ରାସ୍ତା ମରାମତି ପାଇଁ କଣ୍ଡେଲ, ତୁର୍ଲା, ଟୋଲବ୍ରାହ୍ମଣୀ, କାଣ୍ଡେଲ, କରଲାଖୁଣ୍ଟା ଆଦି ଗ୍ରାମର ଲୋକମାନେ ବହୁବାର ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗଠାରେ ପିଚୁ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ । ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଗତ ୨୦୧୮ରେ ବିଭାଗୀୟ ପକ୍ଷରୁ ପଠାଯାଇଥିଲା। ରାଜ୍ୟ ସରକାରଙ୍କ ମଞ୍ଜୁର ପରେ ଗତ ମଙ୍ଗଳବାରଠାରୁ ୨୫ ଲକ୍ଷ ବ୍ୟୟ ଅଟକଳରେ ଏହି ରାସ୍ତାର ପିଚୁ କାମ କରାଯାଇଛି। ଏଥିରେ କରଲାଖୁଣ୍ଟା, ଟୋଲବ୍ରାହ୍ମଣୀ, ତୁର୍ଲା, ବାଲସି, ମସାନିବନ୍ଧ, କାଣ୍ଡେଲ ଆଦି ଗ୍ରାମବାସୀ ସୁବିଧା ପାଉଛନ୍ତି। କାଣ୍ଡେଲ ସରପଞ୍ଚ ପଙ୍କଜ ଗୌଡଙ୍କ ସମେତ ୱାର୍ଡମେମ୍ବର ଓ ଗ୍ରାମବାସୀଙ୍କୁ ପଚାରିବାରୁ ବର୍ତ୍ତମାନ ଠିକ ଭାବେ ଯିବାଆସିବା କରି ପାରୁଛୁ ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ବିଭାଗୀୟ ଏସଡିଓ ଚିତ୍ତରଞ୍ଜନ ନାୟକଙ୍କୁ ପଚାରିବାରୁ ୨୫ ଏମଏମ ପିଚୁ ପକାଯାଇଛି । ଏହା ୪୫ ଦିନ ପରେ ପିଚୁ ସେଟିଂ ହେବ ବୋଲି ପ୍ରକାଶ କରିଥିଲେ ।

## ପାଣିପମ୍ପ ଚୋରି, ୬ ଗିରଫ

ଝାରବନ୍ଧ, (ଡି.ଏନ.ଏ): ଝାରବନ୍ଧ ଥାନା ଅଧୀନ ବିଭିନ୍ନ ଗ୍ରାମର କ୍ଷେତରେ ଥିବା ଗଭୀର ନଳକୂପରୁ ପମ୍ପ ଚୋରି ଅଭିଯୋଗରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡୁଡୁକିଦାଦର ଗ୍ରାମର ସୁରେଶ ନାଏକ, ପ୍ରଦୀପ କୁମ୍ଭାର, ମୁକେଶ ବାଗ, ଉଜଳ ଲୁହାର, ଅପିନ ଚାନ୍ଦ ଓ ସୁକଦେବ ଚାନ୍ଦ। ସେମାନଙ୍କଠାରୁ ୩ଟି ପମ୍ପ ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ. ୧/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ୭୫ ଦାଦନ ଶ୍ରମିକ, ୧୦ ନାବାଳକ ଉଦ୍ଧାର

**ଖଡିଆଲ, ୪।୧ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ରାଣୀପୁର ପାଖରେ ଥିବା ଏକ ଢ଼ାବା ପାଖରୁ ଖଡିଆଳ ପୋଲିସ ଚଢ଼ାଉ କରି ୭୫ ଜଣ ଦାଦନ ଶ୍ରମିକ ଓ ୧୦ ନାବାଳକଙ୍କୁ ଉଦ୍ଧାର କରିଛି । ଶ୍ରମିକମାନେ ବୋଡେନ ବ୍ଲକ ଖୃଣମାଲ ଏବଂ ରୋକାଲ ଗ୍ରାମର ବୋଲି ଜଣାପଡିଛି। ଶ୍ରମିକମାନଙ୍କୁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଠାଉଥିବା ଯୋଜନା କରାଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଖଡିଆଳ ଏସଡିପିଓ ସନ୍ତକ ଜେନାଙ୍କ ନେତୃତ୍ୱରେ ଖଡିଆଳ ପୋଲିସ ରବିବାର ରାତି ୩ ଟାରେ ଚଢ଼ାଉ କରି ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିଛି। ଶ୍ରମିକ ଶର୍ଦ୍ଦାର ଫେରାର ଥିବା ଜଣାପଡିଛି। ଖଡିଆଳ ପୋଲିସ ଉଦ୍ଧାର ଶ୍ରମିକମାନଙ୍କୁ ଏକ ଗାଡି ଯୋଗେ ନିଜ ଘରକୁ ପଠାଇବା ବ୍ୟବସ୍ଥା କରିଛି। ଏସଡିପିଓଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାଲିଥିବା ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

### ବାଇକ୍‌ରୁ ୩୦ ହଜାର ଲୁଟ୍ ଅଭିଯୋଗ

**ନାକଟିଦେଉଳ,୪।୧(ଡି.ଏନ୍.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବସ୍‌ଷ୍ଟାଣ୍ଡଠାରେ ଥିବା ଜଣେ ବ୍ୟକ୍ତିଙ୍କ ବାଇକ୍‌ରୁ ସୋମବାର ୩୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ନାକଟିଦେଉଳ ଥାନା ଜାମୁଯୋରୀ ପଞ୍ଚାୟତ ବାଘବର ଗ୍ରାମର ଶରତ ସାହୁ ପୂର୍ବାହ୍ନରେ ନାକଟିଦେଉଳ ବ୍ଲକ ଛକରେ ଥିବା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖାରୁ ୩୦ ହଜାର ଟଙ୍କା ଉଠାଇଥିଲେ। ଏହି ଟଙ୍କାକୁ ସେ ଏକ ବ୍ୟାଗରେ ରଖି ବାଇକ୍ ହ୍ୟାଣ୍ଡେଲରେ ଝୁଲାଇଥିଲେ। ସେଠାରୁ ସେ ମେଡିସିନ କିଣିବାକୁ ନିକଟସ୍ଥ ଏକ ଔଷଧ ଦୋକାନକୁ ଯାଇଥିଲେ। କାମସାରି ଫେରିବାବେଳକୁ ବାଇକ୍‌ରେ ଟଙ୍କାଭର୍ତ୍ତି ବ୍ୟାଗ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଜୁନାଗଡ ଆରଏମସି: ୧୬୪୭୯ ଚାଷୀ ବିକିଛନ୍ତି ୧୦ ଲକ୍ଷ କୁଇଣ୍ଟାଲ ଧାନ

**ଜୁନାଗଡ, ୪।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଆରଏମସି ଅଧୀନରେ ଥିବା ଜୁନାଗଡ ବ୍ଲକ ସମେତ ଧର୍ମଗଡ ଓ ଗୋଲାମୁଣ୍ଡା ବ୍ଲକରେ ରବିବାର ସନ୍ଧ୍ୟା ସୁଦ୍ଧା ୧୬୪୭୯ ଚାଷୀ ୧୦ ଲକ୍ଷ ୧୩ ହଜାର ୮୩୬ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ଏହାକୁ ୧୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୫୭ଟି ପ୍ୟାକ୍ସ ଧାନ କ୍ରୟ କରିଥିବାବେଳେ ୬୪ଟି ମିଲର୍ସ ଧାନ ଉଠାଣ କରୁଛନ୍ତି। ସେହିପରି ଆହୁରି ୬ ଲକ୍ଷ କୁଇଣ୍ଟାଲ ଧାନ ଉଠାଣ କରାଯିବା ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି। ଯେଉଁ ମଣ୍ଡିରେ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ରହିଛି ସେହି ମଣ୍ଡିଗୁଡିକୁ ପରିଦର୍ଶନ କରି ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ତାହାକୁ ସମାଧାନ କରାଯାଉଛି ବୋଲି ଜୁନାଗଡ ଆରଏମସି ସମ୍ପାଦକ ଟଙ୍କଧର ନାଏକ ପ୍ରକାଶ କରିଛନ୍ତି।

### ଏସ୍‌ସି ଚୋରି ଅଭିଯୋଗ, ୩ ଗିରଫ

**ବଲାଙ୍ଗୀର ଅଫିସ, ୪।୧:** ଏୟାର କଣ୍ଡିସନ୍‌ର(ଏସି) ଚୋରି କରିବା ଅଭିଯୋଗରେ ବଲାଙ୍ଗୀର ଆଦର୍ଶ ଟାଉନ ଥାନା ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଚୋରି ଏସି ଇନ୍‌ଡୋର ୟୁନିଟ୍ ଜବତ୍ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଲର୍କିପାଲିର କୃଷ୍ଣ ଦଲେଇ (୩୨), ପୂର୍ଣ୍ଣ ଚନ୍ଦନ (୨୧) ଓ ଉମାକାନ୍ତ ଦୀପ (୩୬)। ବଲାଙ୍ଗୀର ମ୍ୟୁନିସିପାଲିଟି କଲୋନୀର ଗଙ୍ଗାଧର ଦାଶ ନିର୍ମାଣ କରୁଥିବା ଆରଆରଏମ୍‌ଏନ୍‌ୟୁ କୋଠାରୁ ଗତ ଡିସେମ୍ବର ୨୬ତାରିଖ ଦିନ କେହି ୨ଟି ଡାଇକିନ୍ କମ୍ପାନୀର ଏସି ଚୋରି କରିନେଇଥିଲା। ଏ ନେଇ ଦାଶ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ୍ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଉକ୍ତ ନିର୍ମାଣାଧୀନ କୋଠା ଅଞ୍ଚଳରେ ତିନିଜଣ ସନ୍ଦିଗ୍ଧ ଯୁବକଙ୍କୁ ଦେଖି ଦାଶ ସେମାନଙ୍କୁ ଅଟକ ରଖି ପୋଲିସ ପିସିଆରକୁ ଖବର ଦେଇଥିଲେ । ପୋଲିସ ପିସିଆର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଥାନାକୁ ଆଣିଥିଲେ। ପଚରାଉଚରା କରିବା ପରେ ସେମାନେ ଏସି ଚୋରି କରିଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ଉମାକାନ୍ତ ଦୀପଙ୍କ ଘରୁ ଚୋରି ଦୁଇ ଏସି ଇନ୍‌ଡୋର ୟୁନିଟ୍ ଉଦ୍ଧାର ହୋଇଥିବା ଟାଉନ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଟୋକନ୍ ଅଛି, ଟାର୍ଗେଟ ନାହିଁ

- ସୀମା ଟପିଲା ଧାନ ସଂଗ୍ରହରେ ଅବ୍ୟବସ୍ଥା
- ପ୍ରଶାସନର ଦ୍ୱାରସ୍ଥ ଶତାଧିକ ଚାଷୀ

**ସମ୍ବଲପୁର,୪।୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ଅବ୍ୟବସ୍ଥା ସୀମା ଟପିଛି। ଜିଲାରେ କେତେକ ମଣ୍ଡି ବନ୍ଦ ହୋଇଯାଇଥିବା ବେଳେ ଟାର୍ଗେଟ ଅଭାବରୁ ଧାନ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। ଚାଷୀ ପାଖରେ ଟୋକନ୍ ଅଛି, ହେଲେ ଧାନ ସଂଗ୍ରହ ପାଇଁ ଯୋଗାଣ ବିଭାଗ ପାଖରେ ଟାର୍ଗେଟ ନାହିଁ। ଏହାକୁ ନେଇ ନିରାଶ ହୋଇପଡିଥିବା ଧୁନ୍ଧୁମୁରା ବ୍ଲକ କୟାକୁଦ, କେଶାପାଲି ମହାନଗର ନିଗମ ଅନ୍ତର୍ଗତ କୁଦ ଗୁଣ୍ଡେରପୁର, ଶାସନ, କୁଚିଣ୍ଡା ଉପଖଣ୍ଡର ଶତାଧିକ ଚାଷୀ ସୋମବାର ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି।

ସେମାନଙ୍କ ଅଭିଯୋଗ କ୍ରମେ ଜିଲାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ୍ ଥାଇ ମଧ୍ୟ ଧାନ ବିକ୍ରି କରିପାରୁନାହାନ୍ତି। ଟାର୍ଗେଟ ଅଭାବରୁ ସେମାନେ ଧାନ ସଂଗ୍ରହରୁ ବାଦ୍ ପଡି ଚିନ୍ତାରେ ଅଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ କୁଚିଣ୍ଡା ଉପଖଣ୍ଡରେ ପ୍ରାୟ ଦେଢ ଲକ୍ଷ ପ୍ୟାକେଟ ଧାନ ପଡିରହିଛି। ଖୋଲା ଆକାଶ ତଳେ ଶୀତ କାକରରେ ଚାଷୀମାନେ ଧାନକୁ ଜଗି ବସିଛନ୍ତି। ଅନ୍ୟପଟେ ଗତ ଖରିଫରେ ୨୯ ଲକ୍ଷ ୬୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ୪୭ ହଜାର ୨୮ ଚାଷୀଙ୍କ ୩୧ ଲକ୍ଷ ୮୯ ହଜାର ୪୧୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇସାରିଛି। ପୂର୍ବବର୍ଷଠାରୁ ପ୍ରାୟ ୨ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏହାକୁ ନେଇ ପ୍ରଶାସନ ଚିନ୍ତାରେ ପଡିଯାଇଛି। ଅଧିକ ଧାନ ସଂଗ୍ରହ ପରେ ମଧ୍ୟ ଚାଷୀଙ୍କ ପାଖରେ ଆହୁରି ଧାନ କିଭଳି ଆସିଲା ତା'ର ତର୍ଜମା କରୁଛି। ଚଳିତ ଖରିଫରେ ଚାଷୀ ପଞ୍ଜୀକରଣ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ଗତ ଖରିଫରେ ୪୪ ହଜାର ୮୨୫ ଚାଷୀ ପଞ୍ଜୀକରଣ କରିଥିବାବେଳେ ଏବେ ଏହି ସଂଖ୍ୟା ୫୨ ହଜାର ୯୪୨ ରହିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି ଯେ, ସମସ୍ୟାକୁ ନେଇ ସରକାରୀ ସ୍ତରରେ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ।



ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳରେ ପଡିଥିବା ଧାନ ।

# ରାସ୍ତାକୁ ଓହ୍ଲାଇଲେ ଚାଷୀ

### ରେଙ୍ଗାଲି ମାର୍କେଟ ୟାର୍ଡ଼ରୁ ଉଠୁନାହିଁ ଧାନ



ଧାନଗାଡ଼ି ରଖି ଆନ୍ଦୋଳନ କରୁଛନ୍ତି ଚାଷୀ।

**ରେଙ୍ଗାଲି, ୪।୧(ଡି.ଏନ.ଏ.)**

ରେଙ୍ଗାଲି ମାର୍କେଟ ୟାର୍ଡ଼ରୁ ଧାନ ନ ଉଠିବା ପ୍ରତିବାଦରେ ସୋମବାର ଚାଷୀମାନେ ବିଜୁ ଏକ୍ସପ୍ରେସ ୱେ ରେଙ୍ଗାଲି ତହସିଲ ଛକଠାରେ ଧାନ ବୋଝେଇ ଟ୍ରାକ୍ଟର ରଖି ରାସ୍ତାରୋକୋ କରିଥିଲେ। ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଏସ୍‌ଡିପିଓ ତପନ ମହାନ୍ତି, ରେଙ୍ଗାଲି, କତରବଗା, ଶାସନ ଥାନା ଅଧିକାରୀଙ୍କ ସମେତ ରେଙ୍ଗାଲି ତହସିଲଦାର ସୁନୀଲ ମେହେର ଘଟଣାସ୍ଥଳରେ ପହଞ୍ଚି ୩ହଜାର କୁଇଣ୍ଟାଲ ଧାନ ଉଠାଯିବାର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ରେଙ୍ଗାଲି ବ୍ଲକ ଲପଙ୍ଗାର ୫ହଜାର କୁଇଣ୍ଟାଲ, ବାବୁ ଖିଣ୍ଡାର ୮୦୦ କୁଇଣ୍ଟାଲ, ରେଙ୍ଗାଲିର ୨ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ସେମାନଙ୍କୁ ଟୋକନ୍ ମିଳିଛି। ସେହି ଅନୁଯାୟୀ ସେମାନେ ଧାନ ଧରି ରେଙ୍ଗାଲି ମାର୍କେଟ ୟାର୍ଡ଼କୁ ଆସିଥିଲେ। ହେଲେ ସେଠାକାର କର୍ମଚାରୀ ଆଲଟ୍‌ମେଣ୍ଟ ନାହିଁ, ଧାନ ବିକ୍ରି ହୋଇପାରିବ ନାହିଁ କହି ଧାନ ଗାଡ଼ି ଫେରାଇଦେବା ପ୍ରତିବାଦରେ ସେମାନେ ରାସ୍ତାରୋକୋ କରିବାକୁ ବାଧ ହୋଇଥିବା କହିଥିଲେ। ଗିରିଶ ସାହୁ, ଅଶ୍ୱିନୀ ବେରିହା, ଶିବନାଥ ସାହୁ, ସୁବାସ ସାହୁ, ନିଖିଳ ସାହୁ, ପ୍ରେମାନନ୍ଦ ବ୍ରିନେଟ, ପରମାନନ୍ଦ କିଷାନଙ୍କ ସମେତ ଶତାଧିକ ଚାଷୀ ରାସ୍ତାରୋକୋରେ ସାମିଲ ଥିଲେ।

# ଆର୍ଥିକ ସାହାଯ୍ୟ ନୁହେଁ, ନ୍ୟାୟ ଦରକାର

- ସ୍ୱାମୀଙ୍କୁ ହତ୍ୟା କରାଯାଇଛି
- ଜିଲାପାଳଙ୍କୁ ଗୁହାରି କଲେ ମହିଳା

**ସମ୍ବଲପୁର,୪।୧(ବ୍ୟୁରୋ)**

ମୋ ପରିବାରକୁ ଆର୍ଥିକ ସାହାଯ୍ୟ ଦରକାର ନାହିଁ, ନ୍ୟାୟ ଦରକାର। ବାପଛେଉଣ୍ଡ ହୋଇଥିବା ପିଲାଙ୍କୁ ହଷ୍ଟେଲରେ ରଖାଯାଇ ପାଠ ପଢିବା ସୁବିଧା କରାଯାଉ। ସମ୍ବଲପୁର ମହାନଗର ନିଗମ ୩୬ନଂ. ୱାର୍ଡ ଖଣ୍ଡୁଆଳ ନିବାସୀ ରେଣୁ ସାହାଣି ସୋମବାର ନିଜ ୫ ପୁଅଝିଅଙ୍କ ସହ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟି ଏହି ଗୁହାରି କରିଛନ୍ତି। ସେ କହିଥିଲେ, ତାଙ୍କ ସ୍ୱାମୀ ସୁରଜଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। କେତେଜଣ ସ୍ଥାନୀୟ ଯୁବକ ଏଥିରେ ସମ୍ପୃକ୍ତ ଅଛନ୍ତି। ଅକ୍ଟୋବର ୨୧ ତାରିଖରେ ସୁରଜ ଘରକୁ ଫେରୁଥିବା ବେଳେ ଗ୍ରାମର ଜଣେ ଯୁବକ ବାଇକ୍‌ରେ ଆସି ଜାଣିଶୁଣି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାର ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ପୋଲିସ ତଦନ୍ତରେ ଅବହେଳା କରିଥିବାରୁ ମୋର ପରିବାରକୁ ନ୍ୟାୟ ମିଳିପାରିଲା ନାହିଁ। ଏଣୁ ଉଚିତ ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜିଲାପାଳ ସହଯୋଗ କରିବା ପାଇଁ ଜିଲା ରେଡକ୍ରସକୁ ଲେଖିଦେଇଥିଲେ। ରେଣୁ ପିଲା ଓ ଜଣେ ମହିଳାଙ୍କ ସହ ରେଡକ୍ରସ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ପତ୍ରକୁ ଜଣେ କର୍ମଚାରୀଙ୍କ ପାଖରେ ଦାଖଲ କରିଥିଲେ। ହେଲେ କର୍ମଚାରୀ ଜଣ ରେଡକ୍ରସରୁ ପୂର୍ବରୁ ୧୫ ହଜାର ଟଙ୍କା ସହାୟତା ଦିଆସରିଛି, ଆଉ କ'ଣ ସାହାଯ୍ୟ ଦିଆଯିବ ବୋଲି ଉଚ୍ଚ ସ୍ୱରରେ କହିଥିଲେ। ରେଣୁ ନେହୁରା ହୋଇ ମୋତେ ଟଙ୍କା ନୁହେଁ ନ୍ୟାୟ ଦରକାର, ମୋର ପିଲାମାନଙ୍କ ସୁବିଧା କରାଇଦିଅ ବୋଲି କହିଥିଲେ। ପରେ କର୍ମଚାରୀ ଜଣଙ୍କ ଶାନ୍ତ ପଡି ଡିଷ୍ଟ୍ରିକ୍ଟ ଅଫିସକୁ ଯାଅ, ସେଠାରେ ପିଲାମାନଙ୍କ ସୁବିଧା ହୋଇଯିବ ବୋଲି କହିଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ପିଲାମାନଙ୍କ ସହ ରେଣୁ।

# ଶୁଣ୍ଡି ସମାଜର ବାର୍ଷିକୋତ୍ସବ

**ବୌଦ୍ଧ,୪।୧(ସ୍ୱପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗଣ୍ଡାପାଳୁ ଠାରେ ଚକାପାଦ (ବଜ୍ରଗଡ) ଆଞ୍ଚଳିକ ବଡ ଶୁଣ୍ଡି ସମାଜ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ଜୋନ୍ ସଭାପତି ପଙ୍କଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କନ୍ଧମାଳ ବଡ ଶୁଣ୍ଡି ସମାଜର ସଭାପତି ରାଜକିଶୋର ବେହେରା ମୁଖ୍ୟଅତିଥି, ଉପସଭାପତି ପିତାମ୍ବର ସାହୁ, ଶେଷଦେବ ସାହୁ, ଅଶୋକ କୁମାର ବେହେରା ଓ ମହିଳା ଜିଲା ସଭା ନେତ୍ରୀ ଅନୁରାଧା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କୁନା ବେହେରା କାର୍ଯ୍ୟକ୍ରମ ପରିଚାଳନା ଏବଂ ପିତବାସ ସାହୁ ଓ ଇଶ୍ୱର ବେହେରା ସହଯୋଗ କରିଥିଲେ। ଶେଷରେ ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାବିତ୍ରୀବାଇ ଫୁଲେ ଜୟନ୍ତୀ

**ବଲାଙ୍ଗୀର ଅଫିସ, ୪।୧**

ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ରେଲୱେ ଷ୍ଟେଶନ ନିକଟ ଶ୍ରମିକ ସଂଘ ସମ୍ମିଳନୀ କକ୍ଷରେ ମହାନ ଶିକ୍ଷା ସଂସ୍କାର ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ହରେକୃଷ୍ଣ ରଥଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସଭାରେ ସଭାନେତ୍ରୀ ଶାନ୍ତିଲତା ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସନାତନ ଠାକୁର, ମୁଖ୍ୟବକ୍ତା ବାମଦେବ ମିଶ୍ର ଯୋଗଦେଇ ଶିକ୍ଷା ଓ ସମାଜ ସଂସ୍କାରକ ସାବିତ୍ରୀବାଇ ଫୁଲେଙ୍କ ଅବଦାନ, ସଂଘର୍ଷ ଏବଂ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ନୀଳମଣି ପଟେଲ ଓ ଗଣେଶ ପାଢୀ ଉପସ୍ଥିତ ଥିଲେ। ପ୍ରଥମେ ଜିଲା ଶିକ୍ଷକ ସଂଘ ଉପଦେଷ୍ଟା ଆନନ୍ଦ ଯୋଷୀ ଓ ସୁଚିତ୍ର ସୁନା ସାବିତ୍ରୀବାଇଙ୍କ ନାରୀଶିକ୍ଷା ପ୍ରତି ଅବଦାନ ଉପରେ ଆଲୋଚନା କରିଥିଲେ। ବିଇଓ ରାଘବ ପାଣିଗ୍ରାହୀ ଓ ସଙ୍କୀର୍ତ୍ତନ ବାଗ ସ୍ୱାଗତ ଭାଷଣ କରିଥିଲେ। ଖପ୍ରାଖୋଲ ବାଘମୁଣ୍ଡ ସିଆରସିସି ବନମାଳୀ ସାହୁ, ପ୍ରଭାକର ମିଶ୍ର, ହରେକୃଷ୍ଣ ତ୍ରିପାଠୀ, ଶିକ୍ଷାବିତ୍ ନାରାୟଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

# ଅନାଥ ପିଲାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ




ଢୋଲମାନ୍ଦଲରେ ମାବାପ ଛେଉଣ୍ଡ ପିଲାମାନଙ୍କ ସହ ଅଧିକାରୀମାନେ।

**କଣ୍ଟାବାଞ୍ଜି, ୪।୧(ଡି.ଏନ.ଏ.)**

ଅଠର ମାସ ଅନ୍ତରରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ଗାଁର ଉମ୍ବରୁଧର ମାଝି(୪୦) ଓ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କର ପରଲୋକ ଘଟିଥିଲା। ଏହାପରେ ତାଙ୍କର ଚାରି ଝିଅ ଡୋଲିନା(୧୪), ବୈଶାଖି(୯), ଝରଣା(୭) ଧରିତ୍ରୀ(୪) ଏବଂ ଅଢେଇ ବର୍ଷର ପୁଅ ରୋହନ ଅସହାୟ ହୋଇ ପଡିଥିଲେ। ଏ ନେଇ ଗତ ଡିସେମ୍ବର ୩୦ତାରିଖ ଧରିତ୍ରୀରେ 'ଆଈଙ୍କ ଭରସାରେ ୫ ମାବାପା ଛେଉଣ୍ଡ ନାତିନାତୁଣୀ' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲାପାଳ ଚଞ୍ଚଲ ରାଣାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣ ଖୁଆସ, ବ୍ଲକ ସିଡିପିଓ ସରିତା ପଟ୍ଟନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଳ, ସିନ୍ଦୁରୁସିର ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମିଶ୍ର ସୋମବାର ଢୋଲମାନ୍ଦଲରେ ପହଞ୍ଚିଥିଲେ। ସେଠାରେ ଆଙ୍ଗନବାଡି କର୍ମୀ ଲକ୍ଷ୍ମୀ ପରାଭୁଏ, ମହିଳା ପର୍ଯ୍ୟବେକ୍ଷିକା ଟେଭାବତି ସୁନାଙ୍କ ସହ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ପ୍ରଶାସନର ଏହି ପଦକ୍ଷେପ ପରେ ମାବାପା ଛେଉଣ୍ଡ ଶିଶୁଙ୍କ ମନରେ ନୂତନ ଆଶାର ସଞ୍ଚାର ହୋଇଛି। ଲାଳନ ପାଳନ କରୁଥିବା ବୃଦ୍ଧା ଆଈଙ୍କ ସ୍ନେହ ମମତା ବାନ୍ଧି ହୋଇଥିବାରୁ ନାତିନାତୁଣୀଙ୍କୁ ଛାଡି ନ ପାରି ପ୍ରଶାସନକୁ ଆସନ୍ତା ସପ୍ତାହକ ମଧ୍ୟରେ ନିଷ୍ପତ୍ତି ଜଣାଇବେ ବୋଲି କହିଛନ୍ତି।

# ଜିଲା କୋଷାଗାର କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସୋନପୁର,୪।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କୋଷାଗାର କାର୍ଯ୍ୟାଳୟର ନବନିର୍ମିତ କୋଠା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ୧କୋଟି ୮୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦ୍ୱିତଳ ପ୍ରସାଦ ଥିବା କୋଷାଗାର କାର୍ଯ୍ୟାଳୟରେ ଅତ୍ୟାଧୁନିକ ଯନ୍ତ୍ରପାତି, ଆବଶ୍ୟକୀୟ ସରଞ୍ଜାମ ସହିତ କମ୍ପ୍ୟୁଟରୀକୃତ ବ୍ୟବସ୍ଥା ରହିଛି। ଅର୍ଥ ନେଣଦେଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଡିଜିଟାଲ ସୁବିଧା ଏଠାରେ ଉପଲବ୍ଧ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟରେ ଅପ୍‌ଟିକାଲ ଫାଇବର ସଂଯୋଗ ସହିତ ନୂଆ ଜ୍ଞାନକୌଶଳ ବ୍ୟବହାର କରାଯିବ ବୋଲି କହିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା କୋଷାଗାର ଅଧିକାରୀ ଧରଣୀଧର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ସମାରୋହରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, ଉପଜିଲାପାଳ ନିହାର ରଞ୍ଜନ କହଁର, ଡିଏଫ୍‌ଓ ସୁଶାନ୍ତ କୁମାର ସାମନ୍ତରାୟ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

**ସଇଁତଲା, ୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ବେଲଗାଁ ଫାଣ୍ଡି ଅନ୍ତର୍ଗତ ବାବୁଉଲବା ଗ୍ରାମ ତାରିଣୀ ମନ୍ଦିର ନିକଟରେ ରବିବାର ରାତିରେ ଏକ ଅଜଣା ଗାଡ଼ିର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଲଗାଁର ବୈଷ୍ଣବ ଭୋଇ(୪୦)। ବାଇକରେ ଥିବା ବେଲଗାଁ ଫାଣ୍ଡିର କନଷ୍ଟେବଲ ହେମନ୍ତ ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସୋମବାର ସକାଳେ ଏହି ଖବର ପ୍ରଚାରିତ ହେବା ପରେ ବେଲଗାଁ ଅଞ୍ଚଳର ଶତାଧିକ ଲୋକେ ଫାଣ୍ଡିରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ବ୍ୟବଚ୍ଛେଦ ହୋଇ ଆସିଥିବା ବୈଷ୍ଣବଙ୍କ ମୃତଦେହକୁ ସେମାନେ ଫାଣ୍ଡି ସମ୍ମୁଖରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ଟିଟିଲାଗଡ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ଥାନାଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ରେଡ଼କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଦେବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

# ସମ୍ବଲପୁର-ତିଲେଇବଣି ରାସ୍ତାକାମ ନିମ୍ନମାନର

### ମୋରମ, ମାଟି ବଦଳରେ ଫ୍ଲାଏଆଶ୍

- କଂକ୍ରିଟ୍ ମିଶ୍ରଣରେ ଅନିୟମିତତା
- ୧ ମିଟର ଗାତରେ ମଧ ପୋତାଯାଉଛି ପାଉଁଶ
- ସୁରକ୍ଷା ବ୍ୟବସ୍ଥା ଢିଲା, ବଢ଼ୁଛି ଦୁର୍ଘଟଣା

**ସମ୍ବଲପୁର,୪।୧(ବ୍ୟୁରୋ)**

୫୩ନଂ. ଜାତୀୟ ରାଜପଥର ସମ୍ବଲପୁର-ତିଲେଇବଣି ଚାରିଥାକିଆ ରାସ୍ତା ନିର୍ମାଣ କାମ ଚାଲିଛି। ପୂର୍ବରୁ ପୁଞ୍ଜିଲେଡ କମ୍ପାନୀ ଏହି କାମ ନେଇଥିବାବେଳେ ବିଭିନ୍ନ କାରଣରୁ ବନ୍ଦ କରିଦେଇଥିଲା। ଏବେ ଅନ୍ୟ ଏକ କମ୍ପାନୀ ନିର୍ମାଣ କାମ କରୁଛି। ସମୟ ଅବଧିଠାରୁ ବିଳମ୍ବ ହେଉଥିବାରୁ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ କାମ ଶୀଘ୍ର ସାରିବାକୁ ତାଗିଦା କରାଯାଉଛି। ଏହାର ସୁଯୋଗ ନେଇ ଠିକା କମ୍ପାନୀ ତରବରିଆ ଭାବେ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ସମ୍ବଲପୁର-ତିଲେଇବଣି ଓ ସମ୍ବଲପୁର-ଅନୁଗୋଳ ରାସ୍ତା ନିମ୍ନମାନର ସହ ବିଳମ୍ବ ହେଉଥିବା ନେଇ ଏନ୍‌ଏଚ୍‌ଏଆଇ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ୍‌କରୀଙ୍କୁ ପତ୍ର ଲେଖିଥିଲେ। ସ୍ଥାନୀୟ ଏନ୍‌ଏଚ୍‌ଏଆଇ ଅଫିସରେ ମଧ୍ୟ ଲୋକମାନେ ଅଭିଯୋଗ କରିଥିଲେ। ହେଲେ କମ୍ପାନୀ ତା' କାମରେ କୌଣସି ପରିବର୍ତ୍ତନ କରି ନ ଥିବା ଅଭିଯୋଗ ହୋଇଛି। ମୋରମ ଓ ମାଟି ବଦଳରେ ପାହାଡ଼ ଭଳି ପାଉଁଶ (ଫ୍ଲାଏଆଶ୍) ବ୍ୟବହାର କରାଯାଉଛି। ନିକଟରେ ଥିବା ଏକ କମ୍ପାନୀ ମାଗଣାରେ ପାଉଁଶ ଯୋଗାଇ ଦେଉଥିବାରୁ ଠିକା କମ୍ପାନୀ ଏହାର ସୁଯୋଗ ନେଉଥିବା କୁହାଯାଉଛି।

ଅଭିଯୋଗ କ୍ରମେ ରାସ୍ତାରେ ପ୍ରାୟ ୧୦ ମିଟର ଗାତ ପୋତିବାକୁ ଥିଲେ ଫ୍ଲାଏଆଶ୍ ବ୍ୟବହାର କରାଯାଏ। ହେଲେ ଏହି ରାସ୍ତାରେ କେଉଁଠି ୧ ମିଟର, କେଉଁଠି ୨ ମିଟର ଗାତ ଥିଲେ ମଧ ଫ୍ଲାଏଆଶ୍ ବ୍ୟବହାର କରାଯାଉଛି। ପାଉଁଶ ପକାଇବା ସମୟରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଫଳରେ ତାହା ରାସ୍ତାକଡ଼ରେ ଥିବା ଦୋକାନ ଓ ଘର ମଧ୍ୟକୁ ପ୍ରବେଶ କରୁଛି। ପ୍ରତି ଅଧମିଟର ଫ୍ଲାଏଆଶ୍ ବିଛାଗଲେ ସେଥିରେ ପାଣି ସିଞ୍ଚନ କରି ରୋଲିଂ କରିବା କଥା। ପାଉଁଶ ଉପରେ ମାଟି ବିଛାଇ ରୋଲିଂ କରିବା ପରେ ପୁଣି ପାଉଁଶ ଦେବାର ନିୟମ ରହିଛି। ପ୍ରାୟ ୨୮ ପ୍ରତିଶତ ଆର୍ଦ୍ର ଥିବା ପାଉଁଶ ଉପରେ ରୋଲିଂ କରିବା ନିୟମ ଥିଲେ ମଧ୍ୟ ତାହା କରାଯାଉ ନାହିଁ। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ଅନ୍ୟପକ୍ଷେ ରାସ୍ତା ପାର ହୋଇ ଯାଉଥିବା ଜଳ ପ୍ରବାହଗୁଡ଼ିକ ବନ୍ଦ ହୋଇଯାଇଛି। ଡୁମେସିଂହାଠାରେ ଏଭଳି ଘଟଣା ଦେଖାଯାଇଛି। ଅନେକ ସ୍ଥାନରେ କେନାଲ, ଡ୍ରେନ ପୋତି ହୋଇ ଯାଇଥିବାରୁ ପାଣି ଚଳାଚଳରେ ସମସ୍ୟା ଉପୁଜିଛି। ସେହିପରି ଡବ୍ଲୁଏମ୍‌ଏମ୍ ଓ ଜିଏସ୍‌ବିର ପରିମାଣ ଓ ମିଶ୍ରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଆବଶ୍ୟକ ଗେଟି, ମେଟାଲ, ସିମେଣ୍ଟ, ବାଲି ବ୍ୟବହାର କରାଯାଉ ନାହିଁ। ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାମ ମଧ୍ୟ ନିମ୍ନମାନର କରାଯାଉଛି। ରାସ୍ତା ନିର୍ମାଣ ସମୟରେ ସୁରକ୍ଷା ବ୍ୟବସ୍ଥା କରାଯାଉ ନ ଥିବାବେଳେ ଡାଇଭର୍ସନ ଓ ସଚେତନତା ଫଳକ ଲଗାଯାଇ ନାହିଁ। ଫଳରେ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ମାନ ଯାଞ୍ଚ ପାଇଁ ଏକ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ହେଲେ ଉକ୍ତ ଏଜେନ୍ସିର କର୍ମଚାରୀ କିମ୍ବା ଅଧିକାରୀ ନିୟମିତ କାର୍ଯ୍ୟ ତଦାରଖ କରୁନାହାନ୍ତି। ଏ ଦିଗରେ ଜାତୀୟ ରାଜପଥ ବିଭାଗ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏନ୍‌ଏଚ୍ ପିଡି ବି. ଭେଙ୍କଟେଶ୍ୱର କହିଥିଲେ, ରାସ୍ତା ନିର୍ମାଣ ସମୟରେ ପାଉଁଶ ବ୍ୟବହାର କରିବାର ସ୍ୱତନ୍ତ୍ର ନିୟମ ରହିଛି। ଏଥିରେ ବ୍ୟତିକ୍ରମ ହେଉଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ସମ୍ବଲପୁର-ତିଲେଇବଣି ରାସ୍ତା ଚାରିଥାକିଆ କରିବା ପାଇଁ ଆର୍ଥିକବର୍ଷ ୨୦୧୬-୧୭ରୁ ଜମି ଅଧିଗ୍ରହଣ କାମ ସମ୍ପୂର୍ଣ୍ଣ ହୋଇଥିଲା। କେତେକ ସ୍ଥାନରେ ଜଙ୍ଗଲ ଜମିର ସମସ୍ୟା ରହିଥିବାବେଳେ ପ୍ରାୟ ସମସ୍ତ ଜମି ଏନ୍‌ଏଚ୍‌ଏଆଇକୁ ହସ୍ତାନ୍ତର କରାଯାଇଥିଲା। ଏହି ରାସ୍ତା ପାଇଁ ପ୍ରାୟ ୩୯୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି।



ସମ୍ବଲପୁର-ତିଲେଇବଣି ରାସ୍ତାରେ ନିମ୍ନମାନର କାମ ଚାଲିଛି ।

# ଫୁଟବଲ ଟୁର୍ନାମେଣ୍ଟ: ସେମିରେ ଜରାସିଂହା

**ଦେଓଗାଁ,୪।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଘୁଚିପାଲିରେ ଗତ ପାଞ୍ଚଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ଚତୁର୍ଥ ଦିବସ। ଏହିଦିନ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଚତୁର୍ଥ ଦଳ ଭାବେ ଜରାସିଂହା ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ଫଟାମୁଣ୍ଡା ଓ ଜରାସିଂହା ମଧ୍ୟରେ ହୋଇଥିଲା। ଏଥିରେ ଜରାସିଂହା ବିଜୟୀ ହୋଇଥିଲା। ସେହିପରି ବରକାନୀ ଓ କରେଲଧୁଆ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବରକାନୀ ବିଜୟୀ ହୋଇଥିଲା। ଜରାସିଂହା ଓ ବରକାନୀ ମଧ୍ୟରେ ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜରାସିଂହା ୩-୦ ଗୋଲରେ ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହିଦିବସରେ ଅତିଥିଭାବେ ଡା.ଶଶୀଭୂଷଣ ସାହୁ, ଦେଓଗାଁ ସମିତି ସଭ୍ୟ ଜନ୍ମେଜୟ ସାହୁ, ଶିକ୍ଷକ ଦାଶରଥୀ ଭୋଇ, ବିଜୟ କୁଅଁର ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

